# ଜିଏମ୍‌ୟୁରେ ସନ୍ଥ ସାହିତ୍ୟ ଆଲୋଚନାଚକ୍ର



ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୧୯(ବି.ଶଙ୍କର)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ଭୀମ ଭୋଇ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ପରିଷଦ ଆବାହକ ଡ. ଗୌରହରି ଦାସଙ୍କ ସଭାପତିତ୍ୱରେ ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କୋଲକତାସ୍ଥିତ ସମ୍ପାଦର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ପରିଷଦ ସଦସ୍ୟ ଡ. ମନୋଜ କୁମାର ପଣ୍ଡା ଓଡ଼ିଆ ସନ୍ଥ ସାହିତ୍ୟର ବିସ୍ତୃତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରିଥିଲେ।

ସାହିତ୍ୟିକ ପ୍ରଫେସର କାଳିଦାସ ମିଶ୍ର ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ପଞ୍ଚସଖା ସାହିତ୍ୟ ଓଡ଼ିଆ ସନ୍ଥ ସାହିତ୍ୟର ଚରମ ଉତ୍କର୍ଷ ବୋଲି ମତ ଦେଇଥିଲେ। ଓଡ଼ିଆ ସନ୍ଥ ସାହିତ୍ୟର ପୂର୍ଣ୍ଣାଙ୍ଗ ଗବେଷଣା ଏ ପର୍ଯ୍ୟନ୍ତ ହୋଇନାହିଁ। ଚିତ୍ତରଞ୍ଜନ ଦାସଙ୍କ ଭଳି ଗବେଷକଙ୍କ ଆବଶ୍ୟକତା ଉପରେ ପ୍ରଫେସର ମିଶ୍ର ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଜିଏମ୍‌ୟୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ଏକାଡେମୀର ପ୍ରୟାସ ଓ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ମଞ୍ଚାସୀନ ଥିଲେ। ଭୀମଭୋଇ ଗବେଷଣା କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଦୁଇଟି ଅଧିବେଶନରେ ଅଧ୍ୟାପକ ଅଖିଳ ବିଶ୍ୱାଳ, ଡ.ଦ୍ୱାରିକାନାଥ ନାୟକ, ଡ. ସଂଘମିତ୍ରା ମିଶ୍ର, ଡ ସୌରଭ ରଞ୍ଜନ ଖମାରୀ ଏବଂ ଡ. ଶେଷାନ୍ତ ବିଶି ପ୍ରବନ୍ଧ ପାଠ କରିଥିଲେ। ବକ୍ତାମାନେ ଚର୍ଯ୍ୟାଗୀତିକା ଓ ପଞ୍ଚସଖା ସାହିତ୍ୟ ବୈଶିଷ୍ଟ୍ୟ ଏବଂ ଭୀମଭୋଇ ତଥା ଅନ୍ୟ ସନ୍ଥଙ୍କ କୃତି ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଡ. ପରୀକ୍ଷିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ସନ୍ତୋଷ କୁମାର ରଥ ସଭାପତିତ୍ୱ କରିଥିଲେ ଏବଂ ଡ ଲିପିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।